# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 7 October - 2024

### News Editor : Tapan Kumar Maharana

*******************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର-ରାଜ୍ୟ ମଧ୍ୟରେ ଉତ୍ତମ ସମନ୍ୱୟ ଯୋଗୁଁ ମାଓବାଦୀ ମୁକାବିଲା ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି; କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ

– ରାଜ୍ୟରେ ମାଓ ମୁକାବିଲା ପାଇଁ ଅଧିକ ସଶସ୍ତ୍ର ବାହିନୀ ଯୋଗାଇ ଦେବାକୁ ଅନୁରୋଧ କଲେ ମୁଖ୍ୟମନ୍ତ୍ରୀ

- ସୁଭଦ୍ରା ଯୋଜନାର ଯୋଗ୍ୟ ହିତାଧିକାରୀ ଆସନ୍ତା ବୁଧବାର ଦିନ ପାଇବେ ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥରାଶି

- ଦକ୍ଷିଣ ଓ ପଶ୍ଚିମାଞ୍ଚଳ ଘରୋଇ ବସ୍ ମାଲିକ ସଂଘ ପ୍ରତ୍ୟାହାର କଲା ଧର୍ମଘଟ ଡାକରା

ଏବଂ

- ନବରାତ୍ର ପୂଜାର ପଞ୍ଚମ ଦିବସରେ ଶକ୍ତିପୀଠଗୁଡ଼ିକରେ ମା’ ଦୁର୍ଗା’ ସ୍କନ୍ଦମାତା ବେଶରେ ପାଉଛନ୍ତି ପୂଜା

*Desk*

# ଅମିତଶାହା-ବାମପନ୍ଥୀ ବୈଠକ

କେନ୍ଦ୍ର-ରାଜ୍ୟ ମଧ୍ୟରେ ଉତ୍ତମ ସମନ୍ୱୟ ଯୋଗୁଁ ମାଓବାଦୀ ମୁକାବିଲା ଶେଷ ପର୍ଯ୍ୟାୟରେ ପହଁଞ୍ଚିଛି ବୋଲି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି। ନୂଆଦିଲ୍ଲୀରେ ମାଓ ପ୍ରଭାବିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କ ସହ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ଶାହା କହିଛନ୍ତି, ଦେଶର ବିକାଶରେ ମାଓବାଦୀ କାର୍ଯ୍ୟକଳାପ ସବୁଠୁ ବଡ଼ ସମସ୍ୟା ଦେଖାଦେଇଛି। ମାଓବାଦୀ ସହ ଜଡ଼ିତ ଯୁବକମାନଙ୍କୁ ଅସ୍ତ୍ରଶସ୍ତ୍ର ପରିତ୍ୟାଗ କରି ସମାଜର ମୁଖ୍ୟସ୍ରୋତରେ ସାମିଲ ହେବାକୁ ଶ୍ରୀ ଶାହା ଆହ୍ୱାନ ଦେଇଛନ୍ତି । ବୈଠକରେ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ବିହାର, ଝାଡ଼ଖଣ୍ଡ, ତେଲଙ୍ଗାନା, ଓଡ଼ିଶା, ମହାରାଷ୍ଟ୍ର ଏବଂ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀମାନେ ଉପସ୍ଥିତ ଥିଲେ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ସୂଚନା ଅନୁସାରେ, ଆସନ୍ତା ୨୦୨୬ ମସିହା ସୁଦ୍ଧା ଦେଶରୁ ବାମପନ୍ଥୀ ଉଗ୍ରବାଦ ସଂପୂର୍ଣ୍ଣ ମୂଳୋତ୍ପାଟନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ମାଓ ସମସ୍ୟାର ମୁକାବିଲା କରୁଥିବା ରାଜ୍ୟଗୁଡ଼ିକୁ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯିବ ବୋଲି କେନ୍ଦ୍ର ସରକାର ପ୍ରତିଶ୍ରୁତି ଦେଇଛନ୍ତି। ମନ୍ତ୍ରଣାଳୟ କହିଛି, ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରଙ୍କ ଦୃଢ଼ ରଣନୀତି ଯୋଗୁଁ ମାଓ ହିଂସା ୭୨ ପ୍ରତିଶତ ହ୍ରାସ ପାଇଛି ।

ରାଜ୍ୟରେ ମାଓ ମୁକାବିଲା ପାଇଁ ଅଧିକ ସଶସ୍ତ୍ର ବାହିନୀ ଏବଂ ହେଲିକପ୍ଟର ଯୋଗାଇ ଦେବାକୁ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି ।

***BBSR***

# ସୁଭଦ୍ରା ଯୋଜନା- ଅର୍ଥରାଶି ପ୍ରଦାନ

ସୁଭଦ୍ରା ଯୋଜନାର ଯୋଗ୍ୟ ହିତାଧିକାରୀ ଆସନ୍ତା ବୁଧବାର ଦିନ ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥରାଶି ପ୍ରଦାନ କରାଯିବ ବୋଲି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି । ହିତାଧିକାରୀଙ୍କ ଆକାଉଣ୍ଟକୁ ଆଜି ଦ୍ୱିତୀୟ ପର୍ଯ୍ୟାୟର ୧ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି । ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି, ଆଜି ସନ୍ଧ୍ୟା ସୁଦ୍ଧା ଏହି ଯୋଜନା ଅଧୀନରେ ଆବେଦନ ୧ କୋଟିରେ ପହଁଞ୍ଚିବ ବୋଲି ଆଶା କରାଯାଉଛି । ସେ କହିଛନ୍ତି, ଏ ପର୍ଯ୍ୟନ୍ତ ୩୨ ଲକ୍ଷ ଏମ୍.ପି.ସି.ଆଇ କ୍ଲିୟରାନ୍ସ ସମ୍ପୂର୍ଣ୍ଣ ହୋଇଛି ।

ପ୍ରାୟ ୪୦ ଲକ୍ଷରୁ ଅଧିକ ମହିଳାଙ୍କୁ ଦ୍ୱିତୀୟ ପର୍ଯ୍ୟାୟରେ ସୁଭଦ୍ରା ଅର୍ଥରାଶି ପ୍ରଦାନ କରାଯିବ । ଆସନ୍ତା ଡିସେମ୍ବର ସୁଦ୍ଧା ସମସ୍ତ ଯୋଗ୍ୟ ହିତାଧିକାରୀ ସୁଭଦ୍ରାର ପ୍ରଥମ କିସ୍ତି ଅର୍ଥ ପାଇବେ ବୋଲି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି । ସେ କହିଛନ୍ତି...

**- V/O -**

*Desk*

# ପାଇଲଟ ପ୍ରକଳ୍ପ

କେନ୍ଦ୍ର ସରକାର ରାଜ୍ୟର ଭୁବନେଶ୍ୱର, ପୁରୀ ଓ ରାଉରକେଲା ସହର ସମେତ ଦେଶର ୨୫ଟି ସହରରେ ସହରାଞ୍ଚଳ ଗରିବଙ୍କ ଉନ୍ନତି ପାଇଁ ପାଇଲଟ ପ୍ରକଳ୍ପ ଆରମ୍ଭ କରିବେ । ଜୀବିକା ମିଶନ ଅଧୀନରେ ସହରାଞ୍ଚଳ ଗରିବଙ୍କ ପାଇଁ ସ୍ୱୟଂସହାୟକ ଗୋଷ୍ଠୀ ଅନୁରୂପ ସାଧାରଣ ଆଗ୍ରହ ଗୋଷ୍ଠୀ ଗଠନ କରାଯିବ ବୋଲି ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ସାମାଜିକ ଭିତ୍ତିଭୂମି ସ୍ଥାପନ ସହ ବ୍ୟକ୍ତିବିଶେଷଙ୍କୁ ୪ ଲକ୍ଷ ଟଙ୍କା ତଥା ଗୋଷ୍ଠୀଗୁଡ଼ିକୁ ୨୦ ଲକ୍ଷ ଟଙ୍କାର ସୂକ୍ଷ୍ମ ଋଣ ଯୋଗାଇ ଦେବାର ବ୍ୟବସ୍ଥା ରହିବ । ସହରାଞ୍ଚଳ ଗରିବଙ୍କ ମଧ୍ୟରେ ନିର୍ମାଣ ଶ୍ରମିକ, ବର୍ଜ୍ୟବସ୍ତୁ ପରିଚାଳନା ଶ୍ରମିକ, ଘରୋଇ ଶ୍ରମିକ ଓ ପରିବହନ ଶ୍ରମିକ ଆଦିଙ୍କୁ ସାମିଲ କରାଯାଇଛି ।

*Desk*

# ବସ୍ ଧର୍ମଘଟ ପ୍ରତ୍ୟାହୃତ

ବ୍ରହ୍ମପୁରରେ ଆଜି ସନ୍ଧ୍ୟାରୁ ହେବାକୁ ଥିବା ବସ୍ ଧର୍ମଘଟ ଡାକରା ପ୍ରତ୍ୟାହୃତ ହୋଇଛି। ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ସହ ବୈଠକ ପରେ ଦକ୍ଷିଣ ଓ ପଶ୍ଚିମାଞ୍ଚଳ ଘରୋଇ ବସ୍ ମାଲିକ ସଂଘ ଏହି ନିଷ୍ପତ୍ତି ନେଇଛି। ବୈଠକରେ ସଂଘର ଦାବିଗୁଡ଼ିକ ଉପରେ ସମୀକ୍ଷା କରାଯିବା ନେଇ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରିପ୍ରେକ୍ଷୀରେ ଧର୍ମଘଟ ପ୍ରତ୍ୟାହୃତ ହୋଇଥିବା ଜଣାପଡ଼ିଛି। ଦୁର୍ଗା ପୂଜା ଅବସରରେ ବସ୍ ସେବା ଚାଲୁ

ରଖିବାକୁ ମନ୍ତ୍ରୀ ଶ୍ରୀ ଜେନା ସଂଘ କର୍ମକର୍ତ୍ତାଙ୍କୁ ଅନୁରୋଧ କରିଥିଲେ। ସୂଚନାଯୋଗ୍ୟ, ଜିଲ୍ଲା ସଦର ମହକୁମାରୁ ବ୍ଲକକୁ ଲକ୍ଷ୍ମୀ ବସ୍ ଚଳାଚଳ ସଂକ୍ରାନ୍ତ ନିଷ୍ପତ୍ତିକୁ ବିରୋଧ କରି ଦକ୍ଷିଣ ଓ ପଶ୍ଚିମାଞ୍ଚଳ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଆଜି ସନ୍ଧ୍ୟା ୬ଟାରୁ ୨୪ ଘଣ୍ଟା ପାଇଁ ବସ୍ ଚଳାଚଳ ବନ୍ଦ ଡାକରା ଦିଆଯାଇଥିଲା।

***HS***

## ମା'ଙ୍କ ସ୍କନ୍ଦମାତା ବେଶ

ନବରାତ୍ର ପୂଜା ଅବସରରେ ବିଭିନ୍ନ ଶକ୍ତିପୀଠରେ ପଞ୍ଚମ ଦିବସରେ ଆଜି ମା'ଙ୍କର ସ୍କନ୍ଦମାତା ବେଶ ଅନୁଷ୍ଠିତ ହୋଇଛି। ଭଗବାନ ସ୍କନ୍ଦ ଅର୍ଥାତ୍ କାର୍ତ୍ତିକେୟଙ୍କ ମାତା କାରଣରୁ ମା'ଙ୍କର ପଞ୍ଚମ ସ୍ୱରୂପକୁ ସ୍କନ୍ଦମାତା କୁହାଯାଏ। ଏହାକୁ କଲ୍ୟାଣକାରୀ ଶକ୍ତିର ଅଧିଷ୍ଠାତ୍ରୀ ବୋଲି ବିବେଚନା କରାଯାଏ। ମା'ଙ୍କର ଏହି ବେଶ ଦର୍ଶନ ପାଇଁ ଶକ୍ତିପୀଠଗୁଡ଼ିକରେ ଶ୍ରଦ୍ଧାଳୁଙ୍କର ଭିଡ଼ ଦେଖିବାକୁ ମିଳିଛି। ବରଗଡ଼ର ଗ୍ରାମ୍ୟ ଦେବୀ ମା' ସମଲେଶ୍ୱରୀଙ୍କ ସ୍କନ୍ଦମାତା ବେଶ ଦର୍ଶନ ପାଇଁ ମନ୍ଦିରରେ ପ୍ରବଳ ଭିଡ଼ ହୋଇଥିଲା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍କନ୍ଦ ମାତାଙ୍କ ଆରାଧନା ଅବସରରେ ସମସ୍ତଙ୍କ କଲ୍ୟାଣ କାମନା କରିଛନ୍ତି। ସାମାଜିକ ଗଣମାଧମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଏକ ଭଜନ ସେୟାର କରିଛନ୍ତି।

*Deogada*

# ମା' ଦୁର୍ଗାଙ୍କ ନବରାତ୍ର ପୂଜା

ଦେବଗଡ଼ ଜିଲ୍ଲାର ବିଭିନ୍ନ ଶକ୍ତିପୀଠଗୁଡ଼ିକରେ ଜଗତଜ୍ଜନନୀ ମା' ଦୁର୍ଗାଙ୍କର ନବରାତ୍ର ପୂଜା ଅନୁଷ୍ଠିତ ହେଉଛି। ସହରର ୪ ଦିଗରେ ଥିବା ୪ଟି ବହୁ ପୁରାତନ ଶକ୍ତିପୀଠରେ ମା'ଙ୍କର ସ୍ୱତନ୍ତ୍ର ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଉଛି। ଏ ସମ୍ପର୍କରେ ଅଧିକ ସୂଚନା ଦେଇ ଆମ ଦେବଗଡ଼ ସମ୍ବାଦଦାତା ସୁଜାତା ସାହୁ କୁହନ୍ତି,

**- V/O –**

*Sambalpur*

# ଡାକ୍ତରୀ ଛାତ୍ର ସଂଘର୍ଷ

ବୁର୍ଲା ଭୀମସାରରେ ଦୁଇ ଡାକ୍ତରୀ ଛାତ୍ର ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟି ୩ ଜଣ ଆହତ ହୋଇଛନ୍ତି। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ଛାଡ଼ି ଦିଆଯାଇଛି। ସୂଚନାଯୋଗ୍ୟ, ଗତକାଲି ବୁର୍ଲା ଭୀମସାର ପରିସରରେ ୟୁଜି ଛାତ୍ରସଂଘର ବାର୍ଷିକ ଉତ୍ସବ ପାଳନ ବେଳେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ହାଉସ ସର୍ଜନଙ୍କ ପକ୍ଷରୁ ବୁର୍ଲା ଥାନାରେ ଏକ ଲିଖିତ ଅଭିଯୋଗ ଦାଖଲ କରାଯାଇଛି। ଭୀମସାର୍ ନିର୍ଦ୍ଦେଶକ, ବୁର୍ଲା ଥାନା ଅଧିକାରୀ ଓ ଛାତ୍ରଙ୍କ ମଧ୍ୟରେ ଗତକାଲି ବିଳମ୍ବିତ ରାତି ପର୍ଯ୍ୟନ୍ତ ଆଲୋଚନା ହୋଇଥିଲା। ତେବେ ଏହି ଘଟଣାର ପ୍ରତିବାଦରେ ହାଉସ୍ ସର୍ଜନଙ୍କ ପକ୍ଷରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚାଲିଛି।

*Puri*

## ନେତ ପିଲା ପାଳନ

ଶ୍ରୀକ୍ଷେତ୍ର ପୁରୀରେ ପାର୍ବଣ ସମୟରେ ସେବାୟତ ସମ୍ପ୍ରଦାୟ ପକ୍ଷରୁ ଏକ ବିଶେଷ ପର୍ବ 'ନେତ ପିଲା' ପାଳନ କରାଯାଏ। ପରମ୍ପରା ଅନୁଯାୟୀ ସେବାୟତ କୂଳର କୁମାରୀ କନ୍ୟା ପାରମ୍ପରିକ ବେଶ ସହ ଅଳଙ୍କାର ଭୂଷିତା ହୋଇ ମାର୍କଣ୍ଡେୟ ପୁଷ୍କରିଣୀକୁ ଯାଇ ହରପାର୍ବତୀଙ୍କୁ ପୂଜାର୍ଚ୍ଚନା କରିଥାନ୍ତି। ବିଶ୍ୱାସ ରହିଛି ଉତ୍ତମ ବରପ୍ରାପ୍ତି ଉଦ୍ଦେଶ୍ୟରେ ସେବାୟତ ସମ୍ପ୍ରଦାୟର କନ୍ୟାମାନେ ହରପାର୍ବତୀଙ୍କୁ ସନ୍ତୁଷ୍ଟ କରିବା ପାଇଁ ୨୧ ଦିନ ଧରି ବଳିପୂଜା ବ୍ରତ ପାଳନ କରିଥାନ୍ତି। ଅନ୍ତିମ ୪ ଦିନ ଅର୍ଥାତ୍ ଦୁର୍ଗା ପୂଜାର ପଞ୍ଚମୀ, ଷଷ୍ଠୀ, ସପ୍ତମୀ ଏବଂ ଅଷ୍ଟମୀ ତିଥିରେ ପାରମ୍ପରିକ ବେଶ ଏବଂ ଅଳଙ୍କାରରେ ସଜ୍ଜିତ ହୋଇ ବଳି ଗୀତ ଗାଇ ପୂଜା କରିଥାନ୍ତି।

*Desk*

## କପା ଦିବସ ପାଳନ

କପା ଚାଷ ସହିତ ଜଡ଼ିତ କୃଷକ ଏବଂ କପା ଶିଳ୍ପ ସମ୍ମୁଖୀନ ହେଉଥିବା ଆହ୍ୱାନଗୁଡ଼ିକ ଉପରେ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ବିଶ୍ୱରେ ଆଜି କପା ଦିବସ ପାଳନ କରାଯାଉଛି। ୨୦୧୯ ମସିହାରେ ଜାତିସଂଘର ନିଷ୍ପତ୍ତି ଅନୁଯାୟୀ, ଆଜିର ଦିନକୁ ବିଶ୍ୱ କପା ଦିବସ ଭାବେ ପାଳନ କରାଯାଉଛି। ପ୍ରାୟ ପଞ୍ଚଦଶ ଶତାବ୍ଦୀ ବେଳକୁ ବିଶ୍ୱରେ କପାର ଆଦର ଏବଂ ବ୍ୟବହାର ବୃଦ୍ଧି ପାଇବା ସହ କୃଷି, ଅର୍ଥନୀତି ଓ ବାଣିଜ୍ୟ କ୍ଷେତ୍ରରେ ଏହାର ଚାହିଦା ବଢ଼ିବାକୁ ଲାଗିଲା।

ସ୍ୱାଧୀନତା ଆନ୍ଦୋଳନ ସମୟରୁ ବାପୁଜୀଙ୍କ ବିଦେଶୀ ବର୍ଜନ ସ୍ୱଦେଶୀ ପରିଧାନ ନୀତିରେ କପା ହିଁ ମୁଖ୍ୟ ଆଧାର ରହିଥିଲା । ଖଦି, ଚରଖା ଆଦି ଜାତୀୟତାବାଦର ପ୍ରତୀକକୁ କପାର ଭୂମିକା ଅଧିକ ଶକ୍ତିଶାଳୀ କରିଥିଲା । ଭାରତ ବିଶ୍ୱର ଦ୍ୱିତୀୟ କପା ଉତ୍ପାଦନକାରୀ ରାଷ୍ଟ୍ରର ମାନ୍ୟତା ପାଇଛି ।

***HS***

## ବିଶ୍ୱ ଆବାସ ଦିବସ

ବିଶ୍ୱ ଆବାସ ଦିବସ ଆଜି ପାଳନ କରାଯାଉଛି । ଚଳିତ ବର୍ଷର ବିଷୟବସ୍ତୁ ରହିଛି 'ଯୁବଗୋଷ୍ଠୀଙ୍କୁ ସାମିଲ କରି ଏକ ଉତ୍ତମ ସହର ଭବିଷ୍ୟତ ସୃଷ୍ଟି' । ଏହାର ଉଦ୍ଦେଶ୍ୟ ହେଉଛି ଯୁବବର୍ଗଙ୍କୁ ସେମାନଙ୍କର ବର୍ତ୍ତମାନ ଓ ଭବିଷ୍ୟତ ଯୋଜନା ବିଷୟରେ ପ୍ରୋତ୍ସାହନ ପ୍ରଦାନ କରିବା । ଆବାସ ସ୍ଥିତିରେ ଉନ୍ନତି ଆଣିବା, ସୁରକ୍ଷିତ ପରିବେଶ ଉପରେ ଜନସଚେତନତା ସୃଷ୍ଟି ଏହି ଦିବସର ପାଳନର ମୂଳଲକ୍ଷ୍ୟ । ୧୯୮୫ ମସିହାରେ ପ୍ରଥମଥର ପାଇଁ ଏହି ଦିବସ ପାଳନ କରାଯାଇଥିଲା । ଜାତିସଂଘ ସାଧାରଣ ସଭାରେ ଅକ୍ଟୋବର ମାସର ପ୍ରଥମ ସୋମବାରକୁ ବିଶ୍ୱ ଆବାସ ଦିବସ ଭାବେ ପାଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

***HS***

## ପାଣିପାଗ

କୋହଲା ପାଗ ସାଙ୍ଗକୁ ବଜ୍ରପାତ ଆଶଙ୍କା ନେଇ ଆସନ୍ତା ୨୪ ଘଣ୍ଟା ପାଇଁ ୨୩ଟି ଜିଲ୍ଲାକୁ ପାଣିପାଗ ସତର୍କ ସୂଚନା ଜାରି କରିଛି । ଗତ ୨୪

ଘଣ୍ଟା ମଧ୍ୟରେ ମୟୂରଭଞ୍ଜ ଜିଲ୍ଲାର ଚନ୍ଦନପୁରରେ ସର୍ବାଧିକ ୭୭ ଦଶମିକ ୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି ।

*****